


## କାର୍ତ୍ତିକରେ ଶ୍ରୀମନ୍ଦିର ହୁଣ୍ଡି ଆୟ ୯୮ ଲକ୍ଷ ଟଙ୍କା

- ସୁନା ୨୦୩ ଗ୍ରାମ୍, ରୁପା ୧,୫୧୧ ଗ୍ରାମ
- ଗୋଟିଏ ଦିନରେ ସର୍ବାଧିକ ୫, ୬୪, ୮୭୯ ଟଙ୍କା

**ପୁରୀ ଅଫିସ, ୨୫।୧୧:** ଶେଷ ହୋଇଛି ଦାନ ଧର୍ମର ମାସ କାର୍ତ୍ତିକ। ଏହି ପବିତ୍ର ମାସରେ ପ୍ରତିଦିନ ଶ୍ରୀମନ୍ଦିରରେ ଭକ୍ତ ଓ ହବିଷିଆଳିଙ୍କ ଭିଡ଼ ହୋଇଥାଏ। ଅନ୍ୟ ମାସ ଅପେକ୍ଷା ଶ୍ରୀମନ୍ଦିର ହୁଣ୍ଡିରୁ ଦାନ ଦକ୍ଷିଣା ଆକାରରେ ଅଧିକ ଆୟ ଥାଏ। ଚଳିତବର୍ଷ କାର୍ତ୍ତିକ ମାସରେ ହୁଣ୍ଡିରୁ ମିଳିଛି ୯୮ ଲକ୍ଷ ୮୫ ହଜାର ୫୯୪ ଟଙ୍କା। ଗୋଟିଏ ଦିନରେ ଅର୍ଥାତ୍ ନଭେମ୍ବର ୧୮ରେ ସର୍ବାଧିକ ୫ ଲକ୍ଷ ୬୪ ହଜାର ୮୭୯ ଟଙ୍କା ହୁଣ୍ଡିରୁ ମିଳିଛି। ସେହିପରି ଏହି ସମୟ ମଧ୍ୟରେ ଶ୍ରଦ୍ଧାଳୁମାନେ ହୁଣ୍ଡିରେ ମୋଟ ୨୦୩ ଗ୍ରାମ ୨୦୦ ମିଲିଗ୍ରାମ ସୁନା ଓ ୧ କିଗ୍ରା ୫୧୧ ଗ୍ରାମ ୨୪୦ ମିଲିଗ୍ରାମ ରୁପା ପକାଇଛନ୍ତି। କେବଳ ନଭେମ୍ବର ୨୦ରେ ସର୍ବାଧିକ ୫୫ ଗ୍ରାମ ୧୧୦ ମିଲିଗ୍ରାମ ସୁନା ଓ ନଭେମ୍ବର ୧୦ ତାରିଖରେ ୨୨୮ ଗ୍ରାମ୍ ୫୦୦ ମିଲିଗ୍ରାମ ରୁପା ହୁଣ୍ଡିରୁ ମିଳିଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ୩୪ବର୍ଷ ତଳେ ଶ୍ରୀମନ୍ଦିର ନାଟ ମଣ୍ଡପରେ ଏହି ହୁଣ୍ଡି ସ୍ଥାପନ ହୋଇଛି। ଚଳିତବର୍ଷ ଅକ୍ଟୋବର ୨୫ରୁ କାର୍ତ୍ତିକ ମାସ ଆରମ୍ଭ ହୋଇ ନଭେମ୍ବର ୨୩ରେ ସରିଥିଲା। କାର୍ତ୍ତିକ ମାସରେ ଦାନ, ଧର୍ମ କଲେ ଅଶେଷ ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରଖି ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସୁଥିବା ଭକ୍ତମାନେ ଉକ୍ତ ହୁଣ୍ଡିରେ ଟଙ୍କା, ସୁନା, ରୁପା, ବସ୍ତ୍ର ଆଦି ପକାଇଥାନ୍ତି। ପ୍ରତିଦିନ ସନ୍ଧ୍ୟାରେ ଶ୍ରୀମନ୍ଦିର ବେଢ଼ା ପରିସରରେ ଥିବା ଶ୍ରୀମନ୍ଦିର ପ୍ରଶାସନର ଶାଖା କାର୍ଯ୍ୟାଳୟରେ ଏହାର ଗଣତି କରାଯାଇ ସର୍ବସାଧାରଣରେ ଅବଗତ କରାଯାଇଥାଏ।

# ଏସପିଙ୍କ ପିଛା ଛାଡୁନି ବିବାଦ

- କଂଗ୍ରେସ ଆଣିଲା ଅଭିଯୋଗ
- ବିନା କାରଣରେ ଯୁବକଙ୍କୁ ମାଡ ମାରିଛନ୍ତି ଏସପି
- କ୍ଷମା ନ ମାଗିଲେ ୪ରୁ ଆନ୍ଦୋଳନ
- ଅଭିଯୋଗ ଭିତ୍ତିହୀନ କହିଲେ ଏସପି

**ନବରଙ୍ଗପୁର,୨୫।୧୧(ବି.ପ୍ର)**

ନବରଙ୍ଗପୁର ଏସପି ବିବେକାନନ୍ଦ ଶର୍ମା ତାଙ୍କ ବାସଭବନରେ ପୁଣି ଜଣେ ଯୁବକ ବାବୁଲା ଭତ୍ରାଙ୍କୁ ମାଡ ମାରିଥିବା କଂଗ୍ରେସ ପକ୍ଷରୁ ରବିବାର ଏକ ଖବରଦାତା ସମ୍ମିଳନୀରେ ଜିଲା ସଭାପତି ମୁନା ତ୍ରିପାଠୀ ଓ ପୂର୍ବତନ ଏମପି ତଥା ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ ଅଭିଯୋଗ କରିଛନ୍ତି।

ଖବରଦାତା ସମ୍ମିଳନୀରେ ପ୍ରଦୀପ କହିଥିଲେ ଯେ, ବାବୁଲାଙ୍କ ଘର ପାପଡାହାଣ୍ଡି ବ୍ଲକ ଲୋହରାକାନି ଗାଁରେ । ସେ କିଛି ବର୍ଷ ହେବ ନବରଙ୍ଗପୁର ସେନାପତି ସାହିରେ ରହୁଛନ୍ତି । ଏସପିଙ୍କ ବାସଭବନରେ ଟାଟାସ୍କାଏ କାମ କରୁନଥିବା ଅଭିଯୋଗ ଆସିବା ପରେ ବାବୁଲା ମରାମତି କରିବାକୁ ଯାଇଥିଲେ । ଏସପି ଆସିବା ପରେ ତାଙ୍କୁ ନମସ୍କାର ନ କରିବାରୁ ମାଡ ମାରିଥିଲେ । ବାବୁଲା ସୋଫା ଉପରେ ପଡି ଯାଇଥିଲେ । ସେଠାରେ କାର୍ଯ୍ୟ କରୁଥିବା ଜଣେ ପୋଲିସ କର୍ମଚାରୀ ତାଙ୍କୁ ଆଣି ବାହାରେ ଛାଡିଥିଲେ। ପରେ ବାବୁଲାଙ୍କୁ ଥାନାକୁ ଆଣି ଜୟପୁର, କୋରାପୁଟ ଆଦି ସ୍ଥାନକୁ ପୋଲିସ ବୁଲାଇବାକୁ ନେଇଥିଲା । ଏଥିସହ ଏସପିଙ୍କ ବିରୋଧରେ ମୁହଁ ନଖୋଲିବାକୁ କହିଥିଲା। ପାପଡାହାଣ୍ଡି ଥାନା ଅଧିକାରୀ ତାଙ୍କୁ ଫୋନ କରି କୌଣସି ଗଣମାଧ୍ୟମ ଓ ରାଜନୈତିକ ବ୍ୟକ୍ତି ବିଶେଷଙ୍କୁ ଘଟଣା ସମ୍ପର୍କରେ ଜଣାଇବା ପାଇଁ ମନା କରିଥିଲେ । ପ୍ରଦୀପଙ୍କ ନିକଟରେ ବାବୁଲା କରିଥିବା ଅଭିଯୋଗର ଭିଡିଓ ଏବଂ ପାପଡାହାଣ୍ଡି ଥାନା ଅଧିକାରୀ ବାବୁଲାଙ୍କୁ କରିଥିବା ଫୋନ କଲର ଭଏସ ରେକର୍ଡିଂ ଖବରଦାତା ସମ୍ମିଳନୀରେ ପ୍ରଦୀପ ଶୁଣାଇଥିଲେ । ଏଥିରେ ବାବୁଲା ଉପରୋକ୍ତ ଅଭିଯୋଗ ସମ୍ପର୍କରେ କହୁଥିବା ଶୁଣିବାକୁ ମିଳିଥିଲା। ରବିବାର କଂଗ୍ରେସର ଜିଲା କାର୍ଯ୍ୟକାରିଣୀ ସଭା ସରିବା ପରେ ଉକ୍ତ ସ୍ଥାନକୁ ନବରଙ୍ଗପୁର ଥାନା ଅଧିକାରୀ ଓ ପାପଡାହାଣ୍ଡି ଥାନା ଅଧିକାରୀ ଆସି ଘଟଣାକୁ ନ ବଢାଇବାକୁ ଅନୁରୋଧ କରିଥିଲେ ବୋଲି ପ୍ରଦୀପ କହିଛନ୍ତି। ଉକ୍ତ ଯୁବକଙ୍କୁ ଏସପି କ୍ଷମା ମାଗନ୍ତୁ। ନଚେତ ଆସନ୍ତା ୪ ତାରିଖରେ ନବରଙ୍ଗପୁର ବନ୍ଦ କରାଯିବ ଓ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ପ୍ରଦୀପ କହିଛନ୍ତି।

ଅଗଷ୍ଟ ୧୮ ତାରିଖରେ ଏସପି ତାଙ୍କ ଫଲୋଏର ଅର୍ଡର୍ଲି ରବିନ ଚନ୍ଦ୍ର ଲିମାଙ୍କୁ ଉଠବସ କରାଇବା ସହ ୫୦ ରାଉଣ୍ଡ ଦୌଡାଇ ଥିଲେ । ଲିମା ଗୁରୁତର ହୋଇଥିଲେ । ସେଭଳି ଦେବରାଜ ଚଣ୍ଡଙ୍କ ପେଟକୁ ମୁଥ ମାରିଥିବା ଅଭିଯୋଗ ହୋଇଥିଲା। ହୋମଗାର୍ଡ ଓ କନଷ୍ଟେବଳମାନଙ୍କୁ ଏସପି ତାଙ୍କ ବାସଭବନରେ ବ୍ୟକ୍ତିଗତ କାର୍ଯ୍ୟରେ ଲଗାଇଥିବା ଅଭିଯୋଗ ଆସିଥିଲା । ଏନେଇ ଜିଲା ହାବିଲଦାର ଓ କନଷ୍ଟେବଳ ସଂଘ ପକ୍ଷରୁ ଡିଆଇଜିଙ୍କୁ ଭେଟି ଅଭିଯୋଗ କରାଯିବା ସହ ରାଜ୍ୟ ସଂଘ ମଧ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ସହ ଭେଟି ଏସପିଙ୍କ ବିରୋଧରେ ଅଭିଯୋଗ କରିଥିଲେ।



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତାମାନେ ।

ତଥାପି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ଜିଲାବାସୀଙ୍କ ସମସ୍ୟା ନେଇ କଂଗ୍ରେସ ସ୍ୱର ଉଠାଇବା ସହ ଆନ୍ଦୋଳନ ତୀବ୍ରତର କରିବ ବୋଲି ପ୍ରଦୀପ କହିଛନ୍ତି। ବାବୁଲା ଜଣେ ଖ୍ରୀଷ୍ଟିଆନ ମାଇନୋରିଟି ଜନଜାତିର । ଏନେଇ ପିସିସି ଖ୍ରୀଷ୍ଟିଆନ ମାଇନୋରୋଟି ସଭାପତିଙ୍କୁ ଜଣାଇଛନ୍ତି ବୋଲି ପିସିସି ସାଧାରଣ ସମ୍ପାଦକ ହିମାଂଶୁ ଲିମା କହିଛନ୍ତି । ପୋଲିସ ମହାନିର୍ଦ୍ଦେଶକଙ୍କୁ ଅଭିଯୋଗ କରାଯିବ । କୌଣସି ସୁଫଳ ନମିଳିଲେ ତେବେ ରାଜ୍ୟବ୍ୟାପି ଆନ୍ଦୋଳନ ଚାଲିବ ବୋଲି ସେ କହିଛନ୍ତି। ଖବରଦାତା ସମ୍ମିଳନୀରେ ପିସିସି ସମ୍ପାଦକ ସରୋଜ ପାତ୍ର, ଉପସଭାପତି ତଥା ପୂର୍ବତନ ବିଧାୟକ ସଦନ ନାୟକ, ଜିଲା ସଭାନେତ୍ରୀ ନାଗରତ୍ନମା, ଜିଲା ଉପସଭାପତି ଦିଲୀପ ବେହେରା, ଲୋକ ସଭା ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ଇମ୍ରାସ ସରିଫ, ମଦନ ମୋହନ ସିଂ, ଜିଲା ସମ୍ପାଦକ ବାଲାଜୀ ମିଶ୍ର, ପ୍ରଦୀପ ସାହୁ, ନଗର କଂଗ୍ରେସ ସଭାପତି ଉତ୍ତମ ତ୍ରିପାଠୀ, ନେତ୍ରାନନ୍ଦ କଲାର ପ୍ରମୁଖ ଉପସ୍ଥିତ ଥିଲେ । ଏ ସମ୍ପର୍କରେ ଏସପି ବିବେକାନନ୍ଦ ଶର୍ମାଙ୍କ ପଚାରିବାରୁ ସେ ସମସ୍ତ ଅଭିଯୋଗ ଭିତ୍ତିହୀନ ବୋଲି କହିଥିଲେ। ପ୍ରଦୀପ ମାଝିଙ୍କ ଏହା ପୁରୁଣା ଅଭ୍ୟାସ । କିଛି ନୂଆ କଥା ଅଛି କୁହନ୍ତୁ। କିଛି ଇସ୍ୟୁ ନାହିଁ ମିଛ କଥା କହି ଏମାନେ ଇସ୍ୟୁ କରୁଛନ୍ତି । ଆପଣମାନେ ତ ପୁରୁଣା ଲୋକ ଜାଣୁଛନ୍ତି। ସବୁ ବେକାର କଥା ବୋଲି କହିଥିଲେ । ସେହିପରି ପାପଡାହାଣ୍ଡି ଥାନା ଅଧିକାରୀ ତାରିକ ଅହମ୍ମଦଙ୍କୁ ପଚାରିବାରୁ ଯାହାବି ଅଭିଯୋଗ ରହିଛି ତାହା ଭିତ୍ତିହିନ । ସୁନୀଲ ସାହୁଙ୍କ ଅପହରଣ ଘଟଣାରେ ଅଭିଯୁକ୍ତ ଧରିବା ପାଇଁ ଚେଷ୍ଟା କରୁଥିଲୁ। ସୁମନ ପାତ୍ରୀ ନାମକ ଜଣେ ଯୁବକଙ୍କୁ ଆଣି ପଚରାଉଚରା କରାଯାଉଥିଲା। ଫୋନ କରି ପ୍ରଦୀପ ଛାଡିଦେବା ପାଇଁ କହିଲେ। ନଛାଡିବାରୁ ଏଭଳି ଚାପ ପ୍ରୟୋଗ ଉପାୟ କରୁଛନ୍ତି। ଏହା ଠିକ ନୁହେଁ ବୋଲି କହିଛନ୍ତି। ଖବରଦାତା ସମ୍ମିଳନୀରେ ପ୍ରଦୀପ ଯେଉଁ ଅଡିଓ ଶୁଣାଇଥିଲେ ସେ ସମ୍ପର୍କରେ ପଚାରିବାରୁ ମୋ ଅଡିଓ ନୁହେଁ ବୋଲି ତାରିକ କହିଛନ୍ତି।

# ଆଜି ଶ୍ରୀମନ୍ଦିରରେ ପଇତାଲାଗି

**ପୁରୀ ଅଫିସ,୨୫।୧୧**

ଶ୍ରୀମନ୍ଦିରରେ ସୋମବାର ମହାପ୍ରଭୁଙ୍କର ପଇତାଲାଗି ଏବଂ ମଙ୍ଗଳବାର ବନକଲାଗି ନୀତି ଅନୁଷ୍ଠିତ ହେବ। ନୀତି ପାଇଁ ଏହି ଦୁଇଦିନ ଅପରାହ୍ନ ପ୍ରାୟ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି। ତାଙ୍କ ସୂଚନା ମୁତାବକ, ଏହା ଗୁପ୍ତ ନୀତି ହୋଇଥିବାରୁ ଶ୍ରୀମନ୍ଦିରର

**୪ ଘଣ୍ଟା ବନ୍ଦ ରହିବ ଦର୍ଶନ**

ଜୟବିଜୟ ଦ୍ୱାର ବନ୍ଦ ରହିବ। ଦ୍ୱିପ୍ରହର ଧୂପ ସରିବା ପରେ ଦଇତାପତି ସେବକମାନେ ମହାପ୍ରଭୁଙ୍କୁ ପଇତାଲାଗି ଏବଂ ଦତ୍ତ ମହାପାତ୍ର ସେବକମାନେ ଠାକୁରଙ୍କ ବନକଲାଗି କରିବେ। ପ୍ରାୟ ୪ ଘଣ୍ଟା ଧରି ଏହି ନୀତି ଚାଲିବ। ନୀତି ସମ୍ପନ୍ନ ପରେ ପୁଣି ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ଦର୍ଶନ କରିପାରିବେ।














ଯାହାର ପୁତ୍ର, ଭୃତ୍ୟ, ସ୍ତ୍ରୀ ବଶୀଭୂତ ଥାଆନ୍ତି, ଧନହୀନ ହୋଇ ମଧ ସେ ସନ୍ତୋଷରେ ଥାଏ। ଏ ସଂସାରରେ ତା'ର ଗୃହକୁ ସ୍ୱର୍ଗ ସହିତ ତୁଳନା କରାଯାଏ ଏବଂ ସେ ଏହି ପୃଥିବୀରେ ଥିଲେ ମଧ ସ୍ୱର୍ଗ ସୁଖ ଲାଭ କରିଥାଏ।

-ଚାଣକ୍ୟ



## ସଂକ୍ଷେପରେ

### କୋରାପୁଟରେ ଏନ୍‌ସିସି ଦିବସ

**କୋରାପୁଟ,୨୫।୧୧(ସ୍ୱ.ପ୍ର.):** କୋରାପୁଟସ୍ଥିତ ସରକାରୀ ବାଳକ ଉଚ୍ଚବିଦ୍ୟାଳୟରେ ରବିବାର ଏନ୍‌ସିସି ଦିବସ ପାଳିତ ହୋଇଛି। ପ୍ରଧାନ ଶିକ୍ଷକ ବିକାଶ ଚନ୍ଦ୍ର ସରକାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏନ୍‌ସିସି ପତାକା ଉତ୍ତୋଳନ ସହ ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ବିଦ୍ୟାଳୟର ୬୫ ଜଣ କ୍ୟାଡେଟ ଚିତ୍ତାକର୍ଷକ ପ୍ୟାରେଡ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏନ୍‌ସିସି ସେକେଣ୍ଡ ଅଫିସର ଶିଶିର ପାତ୍ର କାର୍ଯ୍ୟକ୍ରମ ପରିଚାଳନା ଏବଂ ଶିକ୍ଷକ ହିମାଂଶୁ ଶେଖର ଦାସ, ରଶ୍ମିତା ବେହେରା ଏଥିରେ ସହଯୋଗ କରିଥିଲେ।

### 'ସଂଗ୍ରାମ ବାର୍ତ୍ତା' ବିଶେଷାଙ୍କ ଉନ୍ମୋଚିତ



**କୋରାପୁଟ,୨୫।୧୧(ସ୍ୱ.ପ୍ର.):** କୋରାପୁଟସ୍ଥିତ ବିକ୍ରମଦେବ କ୍ଲବରେ ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତିର ମୁଖପତ୍ର 'ସଂଗ୍ରାମ ବାର୍ତ୍ତା'ର ୪୦ତମ ବାର୍ଷିକ ବିଶେଷ ସଂଖ୍ୟା ଉନ୍ମୋଚିତ ହୋଇଛି। ଉତ୍ସବର ସଭାପତି ଲିଙ୍ଗରାଜ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପ୍ରଫୁଲ୍ଲ ମହାପାତ୍ର ମୁଖ୍ୟ ଅତିଥି, ଉତ୍କଳ ଗ୍ରାମ୍ୟାବ୍ୟାଙ୍କ ଅଧିକାରୀ ଜଗନ୍ନାଥ ବେହେରା ମୁଖ୍ୟବକ୍ତା, ଡି. ଶଙ୍କର ରାଓ, ଭଗବାନ ନାହାକ, ଦ୍ୱାରିକା ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସମିତିର ପ୍ରତାପ ଚନ୍ଦ୍ର ମିଶ୍ରଙ୍କୁ 'ରାଜେନ୍ଦ୍ର ରାଉତ ସମ୍ମାନ', ପ୍ରତାପ ଚନ୍ଦ୍ର ଦାସ ଓ ବାସୁଦେବ ସାହାଣୀଙ୍କୁ 'ଦୁର୍ଗାଚରଣ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ସଂଗ୍ରାମ ବାର୍ତ୍ତାର ମୁଦ୍ରାକର ସାଥି ଅଭିମନ୍ୟୁ ପଲେଇ ଓ ଓଡ଼ିଶା ଭାଷା ଆନ୍ଦୋଳନର ବୈଷ୍ଣବ ଚରଣ ପରିଡ଼ାଙ୍କ ବିୟୋଗରେ ନିରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ 'ସଂଗ୍ରାମ ବାର୍ତ୍ତା'ର ସଂପାଦକ ନିର୍ମଳ ଦାସ, ଜିଲା ସଭାପତି ଶିବପ୍ରସାଦ ବେହେରା ଓ ସମ୍ପାଦକ ମହେଶ ପଟ୍ଟନାୟକ ଉପସ୍ଥିତ ଥିଲେ।

### ବିଜେଡିର ଜନ ସମ୍ପର୍କ ପଦଯାତ୍ରା

**ଦଶମନ୍ତପୁର,୨୫।୧୧(ଡି.ଏନ୍.ଏ.):** ଦଶମନ୍ତପୁର ବ୍ଲକ ଗାଦିଆଗୁଡା ପଞ୍ଚାୟତ ବାଲିଘାଟରେ ବିଜେଡି ଜନ ସଂପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ପଞ୍ଚାୟତ ସଭାପତି କୁମୁଟି ଜାନି, ଶିରି ସାନ୍ତା ଓ ବ୍ଲକ ସଭାପତି ମହେନ୍ଦ୍ର କୁଲଦୀପଙ୍କ ତତ୍ତ୍ୱାବଧାନରେ ପଦଯାତ୍ରା ହୋଇଥିଲା। ପରେ ଅନୁଷ୍ଠିତ ସାଧାରଣ ସଭାରେ କଂଗ୍ରେସ ଓ ଭାଜପାର ୩୦ରୁ ଉର୍ଦ୍ଧ୍ୱ କର୍ମୀ ବିଜେଡିରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଜନା ବୋର୍ଡ଼ ସଦସ୍ୟ ତଥା ଜିଲା ବିଜେଡି ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଜିଲା ପରିଷଦ ଅଧକ୍ଷ ପ୍ରଭୁ ଜାନି, ଦଶମନ୍ତପୁର ବ୍ଲକ ଉପାଧକ୍ଷ ନାରାୟଣ ବିଷୋଇ, ଜିଲା ପରିଷଦ ସଭ୍ୟା ମମତା କୁଲଦୀପ, ଜିଲା ସରପଞ୍ଚ ମହାସଂଘ ସଭାପତି ତଥା ପୋଡ଼ାଗଡ଼ ସରପଞ୍ଚ ଭଗବାନ ମୁଦୁଲି, ଦଶମନ୍ତପୁର ବ୍ଲକ ପର୍ଯ୍ୟବେକ୍ଷକ ଭୀଷ୍ମାଚାର୍ଯ୍ୟ ଚୌଧୁରୀ, ସାମାଜିକ କର୍ମୀ ବୈକୁଣ୍ଠ ମଣ୍ଡଳ, କୋରାପୁଟ ଏମ୍‌ପିଙ୍କ ବ୍ୟକ୍ତିଗତ ସହାୟକ ହିମାଂଶୁ ଭରଦ୍ୱାଜ, ସ୍ଥାନୀୟ ସରପଞ୍ଚ ବୈଦି ସାନ୍ତା ଯୋଗ ଦେଇଥିଲେ।

### ମହିଳାଙ୍କ ଆତ୍ମହତ୍ୟା

**ଦଶମନ୍ତପୁର,୨୫।୧୧(ଡି.ଏନ୍.ଏ.):** ଦଶମନ୍ତପୁର ବ୍ଲକ୍ ଲୁଲ୍ଲା ପଞ୍ଚାୟତ ଆମିଲି ଅମ୍ବା ଗ୍ରାମରେ ଜଣେ ମହିଳା ପାରିବାରିକ କଳହରୁ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଗୁଲା ମୁଦୁଲିଙ୍କ ସ୍ତ୍ରୀ ସୁକାନ୍ତି (୨୮)। ଶନିବାର ଗୁଲା ମଦ୍ୟପାନ କରି ଘରକୁ ଆସିବା ପରେ ସ୍ୱାମୀ-ସ୍ତ୍ରୀଙ୍କ ମଧରେ ଝଗଡ଼ା ହୋଇଥିଲା। ଏଥିରେ ସୁକାନ୍ତି ବେକରେ ଲୁଗା ଦେଇ ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଥିଲେ। ପଡୋଶୀଙ୍କ ସହାୟତାରେ ମୃତଦେହ ଉଦ୍ଧାର କରାଯାଇଥିଲା। ସ୍ଥାନୀୟ ଏଏସ୍‌ଆଇ ବିକେ ପଣ୍ଡା ମୃତଦେହ ଜବତ ସହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛନ୍ତି। ୧୩।୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଘଟଣାର ଅଧିକ ତଦନ୍ତ ଚାଲିଛି। ସୁକାନ୍ତିଙ୍କ ମୃତ୍ୟୁ ପରେ ତାଙ୍କର ଦୁଇ ସନ୍ତାନ ମା' ଛେଉଣ୍ଡ ହୋଇଛନ୍ତି।

# ଛାତ୍ରାବାସ ଶୁଭାରମ୍ଭ କଲେ ମନ୍ତ୍ରୀ

**କୁନ୍ଦୁରା,୨୫।୧୧(ଡି.ଏନ୍.ଏ.)**



୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ଉଦ୍‌ଘାଟନ ଅବସରରେ ଅତିଥିମାନେ।

■ ଆଦିବାସୀ ମାନ୍ୟତା ପାଇଁ ଭେଟିଲା ଦୁରୁଆ ସମାଜ

■ ମଣ୍ଡି ଖୋଲି ନଥିବା ସମସ୍ୟା ଜଣାଇଲେ ଚାଷୀ

କୁନ୍ଦୁରା ବ୍ଲକ ଡଙ୍ଗରପାଉଁଶି ପଞ୍ଚାୟତ ଭେଜାହାଣ୍ଡି ସ୍ଥିତ କସ୍ତୁରବା ଗାନ୍ଧି ବାଳିକା ବିଦ୍ୟାଳୟରେ ରବିବାର ଅନୁସୂଚିତ ଜାତି ଓ ଜନଜାତି ବିଭାଗ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ୧୦୦ ଶଯ୍ୟାବିଶିଷ୍ଟ ଛାତ୍ରାବାସର ଶୁଭ ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କୋଟପାଡ଼ ବିଧାୟକ ଚନ୍ଦ୍ରଶେଖର ମାଝି, ବ୍ରହ୍ମଗିରି ବିଧାୟକ ସଞ୍ଜୟ ଦାସବର୍ମା, କୋରାପୁଟ ଏମ୍‌ପି ଝିନ୍ନ ହିକ୍‌କା, ପୂର୍ବତନ ଜିଲା ବିଜେଡି ସମ୍ପାଦକ ରାଧାନାଥ ଭଞ୍ଜ, ରାଧାବିନୋଦ ସାନ୍ତ୍ରା, ଏମ୍‌ପି ପ୍ରତିନିଧି ବୃନ୍ଦାବନ ମଲ୍ଲିକ, କୁନ୍ଦୁରା ବ୍ଲକ ବିଜେଡି ସଭାପତି ସଞ୍ଜୟ ସାହୁ, ଶିକ୍ଷାବିତ୍ ଉଦୟନାଥ ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ସଲୀଳା ବେହେରା ଯୋଗ ଦେଇଥିଲେ। ଶୁଭାରମ୍ଭ ପରେ ଆଞ୍ଚଳିକ ମହିଳା ମହାସଂଘ ଦୁରୁଆ ସମାଜ କୁନ୍ଦୁରା ବ୍ଲକ ଉପଦେଷ୍ଟା ଚନ୍ଦ୍ର ସଗରିଆଙ୍କ ନେତୃତ୍ୱରେ ଦୁରୁଆ ଜାତିର ଛାତ୍ରୀଛାତ୍ରଙ୍କୁ ଆଦିବାସୀ ପ୍ରମାଣପତ୍ର ସହ ବିଭିନ୍ନ ସୁବିଧା ଦେବା ପାଇଁ ମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଛି। ଦୁରୁଆ ସମାଜ କୋରାପୁଟ ଜିଲାରେ ଏକ ପଛୁଆ ବର୍ଗ ଭାବେ ରହିଥିଲେ ମଧ ସେମାନଙ୍କୁ ଆଦିବାସୀ ମାନ୍ୟତା ମିଳୁନଥିବାରୁ ଏହି ବର୍ଗର ଛାତ୍ରୀଛାତ୍ର ବିଭିନ୍ନ ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଅନ୍ୟପକ୍ଷରେ ସ୍ଥାନୀୟ କୃଷକ କଲ୍ୟାଣ ମଞ୍ଚ ଚାଷ ସମସ୍ୟା ଓ ଏହାର ସମାଧାନ ଦାବିରେ ଭେଜାହାଣ୍ଡିରେ ମନ୍ତ୍ରୀ ମାଝି ଓ ବିଧାୟକ ଦାସବର୍ମାଙ୍କୁ ଘେରିଥିଲା। ଏଥିରେ ଡମ୍ବରୁ ସାହୁ, ବୁଲୁ ସାହୁ, ଉଦୟନାଥ ସାହୁ, ଅଭୟାନନ୍ଦ ଭଞ୍ଜ, ହରପ୍ରସାଦ ପାତ୍ରଙ୍କ ସହ ଅନ୍ୟମାନେ ସାମିଲ ଥିଲେ। ନଭେମ୍ବର ସରିବାକୁ ବସିଥିବା ବେଳେ ଏଯାବତ୍ କୁନ୍ଦୁରାରେ ମଣ୍ଡି ଆରମ୍ଭ ହୋଇନଥିବା ନେଇ ଚାଷୀ ନେତାଙ୍କୁ ପ୍ରଶ୍ନ କରିଥିଲେ।

# ୪ ବର୍ଷ ହେଲା ମାନ୍ୟତା ପାଇନି ଗୋଟିଏ ବି ପର୍ଯ୍ୟଟନ ସ୍ଥଳ

**ଜୟପୁର,୨୫।୧୧ (ନି.ପ୍ର./ଡି.ଏନ୍.ଏ.)**

୨୦୧୪ ପରଠାରୁ କୋରାପୁଟ ଜିଲାର କୌଣସି ସ୍ଥାନକୁ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ମିଳିନାହିଁ। କିନ୍ତୁ ରାଜ୍ୟର ଅନ୍ୟ ୧୨ଟି ଜିଲାର ୨୧ଟି ସ୍ଥାନକୁ ନୂତନ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦିଆଯାଇଛି। ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ପ୍ରଶ୍ନର ଉତ୍ତରରେ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏହି ସୂଚନା ଦେଇଛନ୍ତି। ୨୧ଟି ମାନ୍ୟତାପ୍ରାପ୍ତ ସ୍ଥାନ ଭିତରେ ରହିଛି ବଲାଙ୍ଗୀର ଜିଲା ଭୀମଡୁଙ୍ଗୁରି ଓ କୁମୁଡ଼ା ପାହାଡ଼, ବାଲେଶ୍ୱର ଜିଲା ଡୁଡ଼ିଗଡ଼ିଆ, ବରଗଡ଼ ଜିଲା ବିନ୍ଧ୍ୟବାସିନୀ ପାହାଡ଼, ଗିରି ଗୋବର୍ଦ୍ଧନ ପୀଠ, ବସେଇକେଲା ଗଡ଼, ଭଦ୍ରକ ଜିଲା ଇରମ୍, ଶହୀଦନଗର, ଦେବୀପାଟଣା ଓ ଦେବୀ ବରାହୀ ତଥା ଗୋହିରାଟିକିରି, କଟକ ଜିଲା ବଳଦେବଜୀଉ ଓ ହନୁମାନଜୀଉ, ମା' ଧାକୁଲେଇ ପୀଠ ଓ ସତ୍ୟଭାମାପୁର, ଢେଙ୍କାନାଳ ଜିଲା ସାପୁଆ, ଜଗତ୍‌ସିଂହପୁର ଜିଲା ଶିଆଳି ବେଳାଭୂମି, କେନ୍ଦ୍ରାପଡ଼ା ଜିଲା ଅନ୍ଧାବର ଓ ଗୋଡେଶ୍ୱର ପୀଠ, ମୟୂରଭଞ୍ଜ ଜିଲା ମେରୁମଠ, ଅଳକୁଦର ଓ ସୀତାକୁଣ୍ଡ, ନୟାଗଡ଼ ଜିଲା ଯୋଗୀଯୋଗିଆଣୀ, ପୁରୀ ଜିଲା ମା' ମଙ୍ଗଳା ମନ୍ଦିର ଓ ସୁନ୍ଦରଗଡ଼ ଜିଲା ଆମ୍‌କୋ ସାମ୍‌କୋ। ଅନ୍ୟପକ୍ଷରେ କୋରାପୁଟ ଜିଲା ୧୧ଟି ପର୍ଯ୍ୟଟନ ସ୍ଥଳୀର ଉନ୍ନତି ପାଇଁ ରାଜ୍ୟପାଣ୍ଠିରୁ ୭ କୋଟି ୫୬ ଲକ୍ଷ ଓ କେନ୍ଦ୍ର ପାଣ୍ଠିରୁ ୨ କୋଟି ୮୭ ଲକ୍ଷ ଟଙ୍କା ବିନିଯୋଗ କରାଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ସେହି ୧୧ଟି ପୀଠ ହେଲା ଅଣ୍ଡିରାମୁଣ୍ଡା, ଚନ୍ଦନପୋଖରୀ, ନନ୍ଦପୁର, ନାକଟିଡଙ୍ଗର, କୋରାପୁଟ ପର୍ଯ୍ୟଟନ କାର୍ଯ୍ୟାଳୟ, ଗୁପ୍ତେଶ୍ୱର ପାନ୍ଥଶାଳା, ରାଣୀଡୁଡୁମା, ପରବ ପଡ଼ିଆ, ଆଦିବାସୀ ଗବେଷଣା କେନ୍ଦ୍ର, ଦେଓମାଳି ଓ ରଥିଭାଳି।

# ଡାକ କର୍ମଚାରୀ ସଂଘ ଦ୍ୱିବାର୍ଷିକ ସମ୍ମିଳନୀ




ଦ୍ୱିବାର୍ଷିକ ସମ୍ମିଳନୀରେ ମଞ୍ଚାସୀନ ଅତିଥିମାନେ।

**ଜୟପୁର,୨୫।୧୧(ଡି.ଏନ୍.ଏ.)**

ସର୍ବଭାରତୀୟ ଗ୍ରୁପ-ସି, ପୋଷ୍ଟମ୍ୟାନ ଓ ଏମ୍‌ଟିଏସ୍ ମିଳିତ ଡାକ କର୍ମଚାରୀ ସଂଘର ୧୦ମ ଦ୍ୱିବାର୍ଷିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଛି। ସଂଘ ସାଧାରଣ ସଂପାଦକ ଦେବବ୍ରତ ମହାନ୍ତି ଏହାକୁ ଉଦ୍‌ଘାଟନ କରି କହିଛନ୍ତି ଯେ, ୨୦ ଦଫା ଦାବି ନେଇ ଜାନୁୟାରୀ ୮ ଓ ୯ରେ କେନ୍ଦ୍ରିୟ ଟ୍ରେଡ ୟୁନିୟନ ଏବଂ ଡାକ କର୍ମଚାରୀ ସଂଘର ଯୁଗ୍ମ କାଉନସିଲ ଆହ୍ୱାନ କ୍ରମେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୟପୁର ଡିଭିଜନ ସୁପରିଣ୍ଟେଣ୍ଡେଣ୍ଟ ସୁରେନ୍ଦ୍ରନାଥ ପଣ୍ଡା, ମୁଖ୍ୟବକ୍ତା ଭାବେ ଗ୍ରୁପ-ସି ରାଜ୍ୟ ସର୍କଲ ସଂପାଦକ ବୃହସ୍ପତି ସାମଲ, ସମ୍ମାନିତ ଅତିଥି ଭାବେ ପୋଷ୍ଟମ୍ୟାନ ଏବଂ ଏମ୍‌ଟିଏସ୍ ସର୍କଲ ସଂପାଦକ ସୁଧୀର ସ୍ୱାଇଁ, ବାଲେଶ୍ୱର ଡିଭିଜନାଲ ସଂପାଦକ କୁଞ୍ଜବିହାରୀ ଦାଶ, ଭୁବନେଶ୍ୱର ଡିଭିଜନ ସଂପାଦକ ଦିପ୍ତିରଞ୍ଜନ ମହାନ୍ତି, କଳାହାଣ୍ଡି ଡିଭିଜନ ସଂପାଦକ ସବ୍ୟସାଚୀ ନାୟକ ମଞ୍ଚାସୀନ ଥିଲେ। ଜୟପୁର ଗ୍ରୁପ-ସି ସଂଘ ଡିଭିଜନାଲ ସଭାପତି ଏ. ଉମା ମହେଶ୍ୱରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂପାଦକ ପୂର୍ଣ୍ଣଚନ୍ଦ୍ର ମହାରଣା ସଂପାଦକୀୟ ପାଠ କରିଥିଲେ। ସଂଘ କର୍ମକର୍ତ୍ତା ବିଶିକେଶନ ମହାଲିକ, ଏ.ପି. ନନ୍ଦ, ଲକ୍ଷ୍ମଣ ରତ୍ନାଲୁ, ନୀଳାମ୍ବର ନାୟକ, ଭୁବନ ଗୌଡ଼, ପ୍ରଭାତ ମହାପାତ୍ର ଉପସ୍ଥିତ ଥିଲେ। ଅଭ୍ୟର୍ଥନା କମିଟି ସଭାପତି ଏଲ.ଭି. ରାବଣା, ଆବାହକ ସନୁଜ ନାୟକ ଏବଂ ଅମିୟ ରଞ୍ଜନ ମହାରଣା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଜୟପୁରସ୍ଥିତ ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ପ୍ରକାଶ ବିଦ୍ୟାଳୟ ପକ୍ଷରୁ ଏନ୍‌ସିସିର ପ୍ରତିଷ୍ଠା ଦିବସରେ ଭିଡି କଲେଜ ଅଧକ୍ଷା ଅର୍ଚ୍ଚନା ଆଚାର୍ଯ୍ୟ ଓ ଅନ୍ୟ ଅତିଥିମାନେ।

## ଅଙ୍ଗନୱାଡ଼ି, ସହାୟିକା ସାମ୍ମୁଖ୍ୟ ବୈଠକ

**କୋରାପୁଟ/ନାରାୟଣପାଟଣା, ୨୫।୧୧(ସ୍ୱ.ପ୍ର./ଡି.ଏନ୍.ଏ.)**

ନାରାୟଣପାଟଣା ବ୍ଲକରେ ଅଲ ଓଡ଼ିଶା ଅଙ୍ଗନୱାଡ଼ି ଓ ସହାୟିକା ସାମ୍ମୁଖ୍ୟର ବ୍ଲକସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ବ୍ଲକ ସଭାପତି ବି. ଶୋଭାରାଣୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲା ସଂପାଦିକା ଝଟନି କୁମାରୀ ମହାନ୍ତି, କୋଷାଧକ୍ଷା ସାରଦା ପାଣିଗ୍ରାହୀ, ସୁଧାରବାଳା ପୃଷ୍ଟି ଓ ମୀନା ମହାନ୍ତ ଉପସ୍ଥିତ ଥିଲେ। ଅଙ୍ଗନୱାଡ଼ି କର୍ମୀଙ୍କ ଭତ୍ତା ବୃଦ୍ଧି, ମିନି କର୍ମୀଙ୍କୁ ଅଙ୍ଗନୱାଡ଼ି କର୍ମୀଙ୍କ ମାନ୍ୟତା, ଗରମ ରନ୍ଧା ଖାଦ୍ୟର ମୂଲ୍ୟବୃଦ୍ଧି, ଅବସର ଭତ୍ତା, ଗ୍ରୀଷ୍ମକାଳୀନ ଅବକାଶ, ସୁପରଭାଇଜର ଭାବେ ପଦୋନ୍ନତି ଭଳି ଦାବି ଉପରେ ଆଲୋଚନା କରିଥିଲେ।

## ମାଲିପୁଟରେ ଏନ୍‌ସିସି ଦିବସ

**ପଟ୍ଟାଙ୍ଗି,୨୫।୧୧(ଡି.ଏନ୍.ଏ.)**

ପଟ୍ଟାଙ୍ଗି ବ୍ଲକ ମାଲିପୁଟ ପଞ୍ଚାୟତ ରାଜୀବ ଗାନ୍ଧୀ ହାଇସ୍କୁଲରେ ୭୧ତମ ଏନ୍‌ସିସି ଦିବସ ପାଳିତ ହୋଇଛି। ଏନ୍‌ସିସି ଅଧିକାରୀ ସହଦେବ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଡିଓ କରୁଣାକର ପ୍ରଧାନ ଯୋଗ ଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ପ୍ରଧାନ ଶିକ୍ଷକ ଅକ୍ଷୟ ନାୟକ, ବିଦ୍ୟାଳୟ ପ୍ରତିଷ୍ଠାତା ନୃସିଂହନାଥ ବେହେରା, ପୋଲିସ ଏସ୍‌ଆଇ କରୁଣାକର ଗୌଡ଼, ପୁକାଲି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହୃଷିକେଶ ପ୍ରଧାନ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ରାମକୃଷ୍ଣ ସାମଲ ଉପସ୍ଥିତ ଥିଲେ। ପରବ ମହୋତ୍ସବରେ କାର୍ଯ୍ୟ କରିଥିବା କ୍ୟାଡେଟଙ୍କୁ ଟ୍ରଫି ଓ ମାନପତ୍ର ଏବଂ ଏନ୍‌ସିସି ଅଧିକାରୀ ସହଦେବ ଦାଶଙ୍କୁ ସାମାଜିକ କାର୍ଯ୍ୟ ପାଇଁ ପୁରସ୍କୃତ କରାଯାଇଥିଲା। ଏହାପରେ କ୍ୟାଡେଟ୍‌ଙ୍କୁ ନେଇ ମାଲିପୁଟରେ ସଫେଇ ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶିକ୍ଷକ ପ୍ରଭାତ ଜେନା, ବିଜୟ ସୁତାର, ରାଧା ରମଣ ଶର୍ମା, ବିଜୟ ହୋତା, ଖେଳ ଶିକ୍ଷକ ଅର୍ଜ୍ଜୁନ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ଜଗନ୍ନାଥ ସାହୁ ସଭା ପରିଚାଳନା କରିଥିଲେ।

# ହକି ପାଇଁ ଗଣଦୌଡ଼

■ ପୁରୁଷ ବର୍ଗରେ ହେମନ୍ତ, ମହିଳାରେ ଗୋଲାପୀ ଚାମ୍ପିୟନ



ସବୁଜ ପତାକା ଦେଖାଇ ଅତିଥିମାନେ ଗଣ ଦୌଡ଼ର ଶୁଭାରମ୍ଭ କରୁଛନ୍ତି।

**କୋରାପୁଟ,୨୫।୧୧(ସ୍ୱ.ପ୍ର.)**

କୋରାପୁଟ ସ୍ଥିତ କାର୍ଣ୍ଣିଭାଲ ପଡିଆରେ ରବିବାର ହକି ପାଇଁ ଗଣଦୌଡ଼ ଅନୁଷ୍ଠିତ ହୋଇଛି। ବାଳକରେ ଦାମନଯୋଡ଼ିର ହେମନ୍ତ ଗୁରୁନା ଓ ବାଳିକା ବର୍ଗରେ ଗୌଡ଼ଗୁଡ଼ାର ଗୋଲାପୀ ଗୌଡ଼ ଚାମ୍ପିୟନ ହୋଇଛନ୍ତି। ସକାଳେ ଜିଲା ପରିଷଦ ଅଧକ୍ଷ ପ୍ରଭୁ ଜାନି ମୁଖ୍ୟ ଅତିଥି ଭାବେ ସବୁଜ ପତାକା ଦେଖାଇ ଗଣଦୌଡ଼ର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଡିଆର୍‌ଡିଏ ପିଡି ମହମ୍ମଦ ଅବଦୁଲ ଅଖତାର, ଏପିଡି ମହେଶ୍ୱର ନାୟକ, ଯୋଜନା ବୋର୍ଡ ସଦସ୍ୟ ଈଶ୍ୱର ପାଣିଗ୍ରାହୀ, ପୌର ନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ, ଜିଲା ବିଜେଡି ଉପସଭାପତି ତ୍ରିପୁରାରୀ ଗରଡ଼ା ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ଚାମ୍ପିୟନମାନଙ୍କ ସହ ରନର୍ସଅପ୍ ହୋଇଥିବା ଅନ୍ୟ ୭ ଜଣଙ୍କୁ ମଧ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବିଶ୍ୱକପ ହକିରେ ଭାରତୀୟ ଦଳର ସଫଳତା ପାଇଁ ଏକ ଦସ୍ତଖତ ଅଭିଯାନ ହୋଇଥିଲା। ଏପିଡି ହିମାଂଶୁ ଶତପଥୀ ଓ ଅଧାପକ ରବି ଶତପଥୀ କାର୍ଯ୍ୟକ୍ରମ ପରିଚାଳନା ଏବଂ ବିଜୁ ଯୁବ ବାହିନୀ ଜିଲା ସଂଯୋଜକ ଅମୀୟ ସାହୁ, କାର୍ଯ୍ୟକ୍ରମ ଅଧିକାରୀ ତନୁଜା ପତି ସହଯୋଗ କରିଥିଲେ।



ପଟ୍ଟାଙ୍ଗୀ ବ୍ଲକ ମାଲିପୁଟ ରାଜୀବ ଗାନ୍ଧୀ ହାଇସ୍କୁଲରେ ଏନ୍‌ସିସି ଅଧିକାରୀଙ୍କୁ ସମ୍ମାନିତ କରାଯାଉଛି।

## ବ୍ଲକସ୍ତରୀୟ ଶକ୍ତି ସଂରକ୍ଷଣ କୁଇଜ୍ ପ୍ରତିଯୋଗିତା

**ଜୟପୁର,୨୫।୧୧ (ନି.ପ୍ର./ଡି.ଏନ୍.ଏ.)**

ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶକ୍ତି ସଂରକ୍ଷଣ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ୧୮୪ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ପଟ୍ଟନାୟକ, ବିଚାରକ ଭାବେ ଜୟପ୍ରକାଶ ଚନ୍ଦ୍ର ମିଶ୍ର, ଦିଲ୍ଲିପ ପଣ୍ଡା, ଯଜ୍ଞେଶ୍ୱର ପଣ୍ଡା, ଗୋପାଳ ମଣ୍ଡଳ, ନରେଶ ଷଡ଼ଙ୍ଗୀ ଯୋଗ ଦେଇଥିଲେ। ଏଥିରେ ଓମ୍ ନାରାୟଣ ପାଢ଼ୀ ପ୍ରଥମ, ଶାଶ୍ୱତ ସାହୁ ଦ୍ୱିତୀୟ ଓ ପ୍ରୟାସ ମହାକୁଡ଼ ତୃତୀୟ ହୋଇଥିଲେ।

■ ଖବରଦାତାଙ୍କୁ ଆକ୍ରମଣର ପ୍ରତିବାଦ

## ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

**ଜୟପୁର,୨୫।୧୧(ଡି.ଏନ୍.ଏ.)**

ରାଜ୍ୟରେ ଖବରଦାତାଙ୍କ ଉପରେ ଆକ୍ରମଣ ଓ ଦୁର୍ବ୍ୟବହାର ବୃଦ୍ଧି ପାଇଛି। ଗତ ସପ୍ତାହରେ ମାଥିଲିରେ 'ଧରିତ୍ରୀ'ର ଖବରଦାତାଙ୍କୁ ହତ୍ୟା ଧମକ ଓ ପରେ ଆକ୍ରମଣ, ଲମତାପୁଟ ଓ କୋରାପୁଟରେ ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧ୍ୟମର ଖବରଦାତାଙ୍କୁ ଆକ୍ରମଣ କରାଯାଇଛି। ୩ଦିନ ତଳେ କ୍ରୀଡ଼ା ସଚିବ ଜଣେ ଖବରଦାତାଙ୍କୁ ଅସଦାଚରଣ କରିଥିଲେ। ଏଭଳି ଆକ୍ରମଣ ଓ ଅସଦାଚରଣ ଗଣତନ୍ତ୍ର ପ୍ରତି ଆକ୍ରମଣ। ଏହାର ପ୍ରତିବାଦ କରିଛନ୍ତି ଜୟପୁରର କାର୍ଯ୍ୟରତ ଖବରଦାତା ଗଣ। ଆକ୍ରମଣ ବନ୍ଦ କରିବା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସହକାରୀ ଜିଲାପାଳ ରାଜେନ୍ଦ୍ର ଖରାଙ୍କୁ ସ୍ମାରକପତ୍ର ଦେଇଛନ୍ତି।




ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଜୟପୁରରେ କାର୍ଯ୍ୟରତ ଖବରଦାତାମାନେ।

# ଉଦ୍‌ଯାପିତ ହେଲା ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

**କୁନ୍ଦୁରା,୨୫।୧୧(ଡି.ଏନ୍.ଏ.)**



ଶ୍ରୀଅରବିନ୍ଦ ଶିକ୍ଷାନିକେତନର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପନୀ ମଞ୍ଚରେ ଅତିଥିମାନେ।

■ ସ୍ମରଣିକା ଉନ୍ମୋଚନ କଲେ ଅତିଥି

■ ସାମିଲ ଥିଲେ ୨ ହଜାରରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ର

ଶ୍ରୀଅରବିନ୍ଦ ଶିକ୍ଷା ନିକେତନର ସୁବର୍ଣ୍ଣ ଜୟନ୍ତୀକୁ ଗତ ୧୩ ତାରିଖ ଉଦ୍‌ଘାଟନ କରିଥିଲେ ରାଜ୍ୟପାଳ। ରବିବାର ଏହାର ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇଛନ୍ତି ଅନୁସୂଚିତ ଜାତି ଜନଜାତି ମନ୍ତ୍ରୀ ରମେଶ ମାଝି। ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା, ବିଧାୟକ ଚନ୍ଦ୍ରଶେଖର ମାଝି, ଏମ୍‌ପି ଝିନ୍ନ ହିକ୍‌କା, ଯୋଜନା ବୋର୍ଡ଼ ସଦସ୍ୟ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ପୂର୍ବତନ ବିଧାୟକ ଗୁପ୍ତପ୍ରସାଦ ଦାଶ, ସଂସ୍କୃତି ଗବେଷକ ମନମୋହନ ଆଚାର୍ଯ୍ୟ, ପ୍ରଧାନଶିକ୍ଷକ ନବୀନ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ଲାଛନାଗୁଡ଼ା ପ୍ରଧାନଶିକ୍ଷକ ରାମକୃଷ୍ଣ ସାବତ ଅତିଥି ପରିଚୟ ଓ ଶ୍ରୀଅରବିନ୍ଦ ଶିକ୍ଷା ନିକେତନ ପ୍ରଧାନଶିକ୍ଷକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମନ୍ତ୍ରୀ ମାଝି ନିଜ ବକ୍ତବ୍ୟରେ କହିଥିଲେ ଯେ ନିର୍ଦ୍ଦଳୀୟ ମନୋଭାବ, ଅଞ୍ଚଳବାସୀଙ୍କ ଆନ୍ତରିକତା, ଶିକ୍ଷା ପ୍ରତି ସେମାନଙ୍କ ଗୁରୁତ୍ୱ, ପୂର୍ବତନ ଛାତ୍ରୀଛାତ୍ରଙ୍କ ଭାଇଚାରା ମନୋଭାବ ଯୋଗୁ ଏହି ଶିକ୍ଷାନୁଷ୍ଠାନ ଆଗେଇ ଚାଲିଛି। ପୂର୍ବତନ ମନ୍ତ୍ରୀ ଦାସବର୍ମା କହିଥିଲେ, ଆଦିବାସୀ ଅଞ୍ଚଳ ହୋଇଥିଲେ ମଧ କୁନ୍ଦୁରାବାସୀଙ୍କ ଶିକ୍ଷା ପ୍ରତି ଆକର୍ଷଣ ଅତୁଳନୀୟ। ସେହିପରି ଏମ୍‌ପି ହିକ୍‌କା କହିଛନ୍ତି, କୌଣସି ଭେଦଭାବ ନରଖି ଗରିବ ତଥା ଅନୁସୂଚିତ ଜାତି ଜନଜାତି ପିଲାଙ୍କୁ ୫୦ ବର୍ଷ ହେଲା ଶିକ୍ଷା ଦେଇଆସୁଛନ୍ତି ଅନୁଷ୍ଠାନର ଶିକ୍ଷକ। ସୁବର୍ଣ୍ଣ ଜୟନ୍ତୀ ବଅସରରେ ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରେ ବିନୋଦ ଚନ୍ଦ୍ର ପଟ୍ଟନାୟକ, ଅରବିନ୍ଦ ମହାପାତ୍ର, ସଦାନନ୍ଦ ସାହୁ, ଶାନ୍ତିଲତା ମିଶ୍ର, କନକଲତା ପେଣ୍ଠିଆ, ରାମକୃଷ୍ଣ ସାବତ, ଗୋବିନ୍ଦ ଚନ୍ଦ୍ର ନାୟକ, ତ୍ରିପତି ଗୁରୁ, ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ସଞ୍ଜୟ ସାହୁ, ତିଳ ମସିଆ, ଗଦାଧର ସାହୁ, ଜୟ ପଣ୍ଡା, ଆଦିକନ୍ଦ ପଟ୍ଟନାୟକ, ସତ୍ୟବତୀ ପଟ୍ଟନାୟକ, ନରେନ୍ଦ୍ର ପ୍ରଧାନ, ରାଧାନାଥ ସାହୁ, ଭଞ୍ଜ ମିନରବାଲିଆ ଓ ଲକ୍ଷ୍ମୀଧରଙ୍କୁ ସମ୍ମାନିତ କରାଯାଇଥିଲା। ୫୦ ବର୍ଷ ପୂର୍ତ୍ତି ଅବସରରେ ଅତିଥିମାନେ ସୁବର୍ଣ୍ଣ ଜୟନ୍ତୀ ସ୍ମରଣିକା ଉନ୍ମୋଚନ କରିଥିଲେ। କୁନ୍ଦୁରା ପଞ୍ଚାୟତ ସମିତି ଅଧକ୍ଷ ସୁରେନ୍ଦ୍ର ପରଜା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ପୂର୍ବତନ ଛାତ୍ର ବିଶ୍ୱରଞ୍ଜନ ଗୌଡ଼, ତ୍ରିନାଥ ହରିଜନ, ଜ୍ଞାନରଞ୍ଜନ ଗୌଡ଼, ରିତୁ ଗୁରୁ, ସନ୍ୟାସୀ ମିନରବାଲିଆ, ସଞ୍ଜୟ ରାଉତ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ।

## ସଂକ୍ଷେପରେ

### ଗୋ ସୁରକ୍ଷା ନେଇ ସଚେତନତା ଯାତ୍ରା

ଗୁଣପୁର,୨୫।୧୧(ଡି.ଏନ.ଏ)-ଗୋ ସୁରକ୍ଷା ନେଇ ଏକ ସଚେତନତା ଯାତ୍ରା ଶନିବାର ସନ୍ଧ୍ୟାରେ ଗୁଣପୁରଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ଆୟାପା ମନ୍ଦିରଠାରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା । ଶୋଭଯାତ୍ରାରେ ଗାଈମାନଙ୍କ ସୁରକ୍ଷା ଦେବା ସହ ଗୋ ସମ୍ପଦ ଅମୂଲ୍ୟ ଏବଂ ଏହାର ବ୍ୟବହାରିତା ଉପରେ ପ୍ରଚାର କରାଯାଇଥିଲା । ଜିଲା ପ୍ରାଣୀ କଲ୍ୟାଣ ଅଧିକାରୀ ରବି ଆଚାରୀଙ୍କ ନେତୃତ୍ୱରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

### ଏନ୍‌ସିସି ଦିବସ ପାଳିତ

ରାୟଗଡା ଅଫିସ୍, ୨୫।୧୧: ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଅଧକ୍ଷ ସୂର୍ଯ୍ୟନାରାୟଣ ତ୍ରିପାଠୀଙ୍କ ସଭାପତିତ୍ୱରେ ଏନ୍‌ସିସି ଦିବସ ପାଳିତ ହୋଇଯାଇଛି । ଅବିଭକ୍ତ କୋରାପୁଟରୁ ଅବସରପ୍ରାପ୍ତ ଲିଫ୍‌ଲେଣ୍ଟ ଜେନେରାଲ ଡା. ନାରାୟଣ ମହାନ୍ତି ମୁଖ୍ୟ ଅତିଥି ରୂପେ ଯୋଗଦେଇ ଦେଶ ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ନିମନ୍ତ୍ରିତ ଅତିଥି ରୂପେ ଡା. ନିରଞ୍ଜନ ବକ୍ସିପାତ୍ର ଯୋଗଦେଇ ଶୃଙ୍ଖଳା ହିଁ ବିକାଶର ମାଧମ ବୋଲି କହିଥିଲେ । ଗିରିଜା ପ୍ରସାଦ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଏନ୍‌ସିସି ଅଫିସ୍‌ର ଅର୍ଚ୍ଚନା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ । କଲେଜର ସମସ୍ତ ଏନ୍‌ସିସି କ୍ୟାଡେଟ୍ କୌଶଳ ଏବଂ ମନୋରଞ୍ଜନ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ ।

### ୧୯୯୮ ମାଟ୍ରିକ ବ୍ୟାଚର ବନ୍ଧୁମିଳନ

ମୁନିଗୁଡା, ୨୫।୧୧ (ଡି.ଏନ୍.ଏ.): ରାୟଗଡ଼ା ଜିଲା ମୁନିଗୁଡା କୁମୁଡାବାଲି ବାଲୁଙ୍କେଶ୍ୱର ମନ୍ଦିର ପରିସରରେ ମୁନିଗୁଡା ହାଇସ୍କୁଲର ୧୯୯୮ ମାଟ୍ରିକ୍ ବ୍ୟାଚର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇ ସ୍ମୃତି ବଖାଣିଥିଲେ । ପ୍ରଥମେ ଏହି ବ୍ୟାଚ୍‌ର ପୂର୍ବତନ କେତେକ ଛାତ୍ର ଓ ଶିକ୍ଷକଙ୍କ ବିୟୋଗରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହାକୁ ବ୍ୟାଚ୍‌ର ନବନିତ ଦାସ, କୁନୁ ସୁବୁଦ୍ଧି ଓ ସାଇମାଲା ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ସମସ୍ତେ କେକ୍ କାଟିବା ସହ ନାଚଗୀତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବ୍ୟାଚର ବିନୋଦ କୁମାର ଦାସ, ପାର୍ଥସାରଥି ଗୌଡ଼, ଚିତ୍ତରଞ୍ଜନ ବେହେରା, ରାଜ କୁମାର ନାୟକ, ଜନାର୍ଦ୍ଦନ ସୁବୁଦ୍ଧି, ୟୁ ଭେଙ୍କେଟେସ ପ୍ରମୁଖ ସହଯୋଗ କରିଥିଲେ।

### ଛାତ୍ରୀଙ୍କ ଆତ୍ମହତ୍ୟା

ଟିକିରି,୨୫।୧୧(ଡ଼ି.ଏନ.ଏ): ରାୟଗଡ଼ା ଜିଲା କାଶୀପୁର ବ୍ଲକ ଦୁଡୁକାବାହାଲ ପଞ୍ଚାୟତ ଅନ୍ତର୍ଗତ ରାମଗୁଡ଼ା ଗ୍ରାମର ଜଣେ କଲେଜ ଛାତ୍ରୀ କ୍ଲୋରକୁଇନ୍ ଖାଇ ଆତ୍ମହତ୍ୟା କରିଛନ୍ତି । ସେ ହେଲେ ରାୟଗଡ଼ା କଲେଜରେ ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀ ରଞ୍ଜିତା ମାଝି । ସେ କଲେଜ ହଷ୍ଟେଲରେ ରହି ପଢୁଥିଲେ । କୌଣସି କାରଣକୁ ନେଇ ସେ ଶନିବାର ଅତ୍ୟଧିକ କ୍ଲୋରୋକୁଇନ ବଟିକା ଖାଇ ଦେଇଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ତାଙ୍କୁ ରାୟଗଡ଼ା ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ହୋଇଛି ।

### ସହର ପରିକ୍ରମା ଆୟାପ୍ପାଙ୍କ ରଥ

ଗୁଣପୁର,୨୫।୧୧(ଡି.ଏନ.ଏ): ଗୁଣପୁରଠାରେ ଆୟାପ୍ପାଙ୍କ ରଥକୁ ସହର ପରିକ୍ରମା କରାଯାଇଛି । ସ୍ଥାନୀୟ ଆୟାପ୍ପା ମନ୍ଦିରଠାରୁ ଏହି ରଥ ବାହାରି ସହର ପରିକ୍ରମା କରିଥିଲା । ଆୟାପ୍ପାଙ୍କ ପ୍ରତିମାକୁ ସ୍ଥାପନ କରାଯାଇ ସହର ସାରା ଭଜନ କୀର୍ତ୍ତନ କରି ଭ୍ରମଣ କରାଯାଇଥିଲା । ଆଚାରି ସ୍ୱାମୀ, ଅନନ୍ତ ଗୁରୁସ୍ୱାମୀ ଏବଂ ଭାନୁ ଗୁରୁସ୍ୱାମୀଙ୍କ ସହ ବହୁ ଭକ୍ତ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।

# ଶୀତ ଦିନେ ପାଣି ସମସ୍ୟା



ଅଚଳ ହୋଇ ପଡ଼ି ରହିଥିବା ପାଣି ଟାଙ୍କି ।



ପାଣି ସମସ୍ୟା ନେଇ ଗ୍ରାମବାସୀ ଅଭିଯୋଗ କରୁଛନ୍ତି ।

ଚନ୍ଦ୍ରପୁର,୨୫।୧୧(ଡି.ଏନ୍.ଏ.)

**ଶୁଣୁନି ପ୍ରଶାସନ**
- ୩ ବର୍ଷ ହେଲା କାମରେ ଲାଗୁନି ପାଣି ଟାଙ୍କି
- ଲୋକଙ୍କ ଆବଶ୍ୟକ ମେଣ୍ଟାଇ ପାରୁନି ନଳକୂପ
- ଚୁଆ ପାଣି ହିଁ ଭରସା

ଶୀତ ଦିନେ ପାଣି ପାଇଁ ଢ଼ହଳ ବିକଳ । ଗ୍ରାମରେ ପାଣିଟାଙ୍କି ରହିଛି । ହେଲେ ତାହା ନିର୍ମାଣ ହେବାର ଅଳ୍ପଦିନ ପରେ ଅଚଳ ହୋଇ ପଡ଼ିଛି । ଏଠାରେ ପାଣି ଟାଙ୍କି ଅଛି ସତ, ହେଲେ ତାହା ମଧ୍ୟ ଲୋକଙ୍କ ଆବଶ୍ୟକତା ମେଣ୍ଟାଇ ପାରୁନାହିଁ । ଏନେଇ ଲୋକେ ୩ ବର୍ଷରୁ ଉର୍ଦ୍ଧ୍ୱ ହେଲାଣି ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବାରମ୍ବାର ଏନେଇ ଜଣାଇଲେ ମଧ୍ୟ କେହି ସେମାନଙ୍କ କଥାକୁ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହୋଇଛି । ଏପରି ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ବନ୍ଦିରି ଗ୍ରାମରେ ।

ଚନ୍ଦ୍ରପୁର ପଞ୍ଚାୟତର ବନ୍ଦିରି ଗ୍ରାମରେ ବଡ଼ସାହି, ଧରଣି ସାହି, ତଳସାହି, ଉପର ସାହି, କୁମ୍ଭାରସାହି, କାଳିମା ସାହି ଏହିପରି ୧୦ରୁ ଉର୍ଦ୍ଧ୍ୱ ସାହି ରହିଛି । ଏଠାରେ ୩ ହଜାରରୁ ଉର୍ଦ୍ଧ୍ୱ ଅନୁସୂଚିତ ଜାତି ଜନଜାତି ବର୍ଗର ଲୋକେ ରହୁଛନ୍ତି । ସ୍ଥାନୀୟ ଲୋକଙ୍କ ପାନୀୟ ଜଳ ସୁବିଧା ନିମନ୍ତେ ୩ ବର୍ଷ ପୂର୍ବେ ଗ୍ରାମ୍ୟ ଜଳଯୋଗାଣ ବିଭାଗ ତରଫରୁ ଗ୍ରାମର ଉପର ମୁଣ୍ଡରେ ଏକ ପାଣି ଟାଙ୍କି ନିର୍ମାଣ କରାଯାଇଥିଲା। ଲୋକଙ୍କ ପାନୀୟ ଜଳ ସମସ୍ୟା ଦୂର ହୋଇଥିଲା । କିନ୍ତୁ ଦୁଃଖର ବିଷୟ ଜଳଯୋଗାଣ ବିଭାଗର ଖାମ ଖିଆଲ ନୀତି ଯୋଗୁ ନିର୍ମାଣର ଅଳ୍ପଦିନ ପରେ ଏହା ଅଚଳ ହୋଇପଡିଲା । ଫଳରେ ପାଣି ପାଇଁ ଅସୁବିଧା ଭୋଗୁଛୁ ବୋଲି ଗ୍ରାମର ସୁନୀଲ ଟାଙ୍ଗାରାଙ୍ଗା, ଦିଆନା ଟାଙ୍ଗାରାଙ୍ଗା, ଇନ୍ଦୁ ଟାଙ୍ଗାରାଙ୍ଗା, ପୁପାନା ଟାଙ୍ଗାରାଙ୍ଗା, ଜିତେନ୍ଦ୍ର ଟାଙ୍ଗାରାଙ୍ଗା, ଲୁମ୍ବାଲୁ ମାଳବିଷୋୟୀ ପ୍ରମୁଖ ଅଭିଯୋଗ କରିଛନ୍ତି। ସେହିପରି ଗ୍ରାମରେ ମାତ୍ର ୪ଟି ନଳକୂପ ରହିଛି । ହେଲେ ଏହି ପାଣି ଲୋକଙ୍କୁ ଅଣ୍ଟୁନି । ତେଣୁ ଲୋକେ ବାଧ୍ୟ ହୋଇ ନାଳ ଉପରେ ଭରସା କରି ଚଳିବାକୁ ପଡୁଛି ବୋଲି ଗ୍ରାମର ଅର୍ଜୁନ ମାଳ ବିଷୋୟୀ କହିଛନ୍ତି । ଆଉ କିଛି ମାସ ପରେ ଉକ୍ତ ନାଳ ପାଣି ଶୁଖିଗଲେ ଆମର ଦୁଃଖ ଦ୍ୱିଗୁଣିତ ହୋଇଯିବ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ବର୍ତ୍ତମାନ ମଧ୍ୟ ମହିଳାମାନେ ନାଳ ନିକଟରେ ଚୁଆ କରି ପାଣି ନେଉଥିବା ଦେଖିବାକୁ ମିଳିଛି । ଗ୍ରାମ୍ୟ ଜଳଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀଙ୍କୁ ବାରମ୍ବାର ଲିଖିତ ଭାବେ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁନି। ଏପରିକି ଗତବର୍ଷ ଗ୍ରାମ୍ୟ ଜଳଯୋଗାଣ ବିଭାଗର ସହକାରୀଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ପରିଦର୍ଶନରେ ଆସିବା ସମୟରେ ସହକାରୀ ଯନ୍ତ୍ରୀଙ୍କୁ ଗ୍ରାମବାସୀ ଅଟକ ରଖି ପିଇବା ପାଣିର ସମସ୍ୟା ଜଣାଇଥିଲେ। ତଥାପି କୌଣସି ସୁଫଳ ମିଳିନି ବୋଲି ମନୋଜ ଟାଙ୍ଗାରାଙ୍ଗା, ଆଶିଷ ଟାଙ୍ଗାରାଙ୍ଗା, ରାନୁସା ଟାଙ୍ଗାରାଙ୍ଗା ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଚନ୍ଦ୍ରପୁର ଗ୍ରାମ୍ୟ ଜଳଯୋଗାଣ କନିଷ୍ଠ ଯନ୍ତ୍ରୀ ଜିତେନ୍ଦ୍ର କୁମାର ପାତ୍ରଙ୍କୁ ପଚାରିବାରୁ, ସହକାରୀ ଯନ୍ତ୍ରୀ ସବୁ ବୁଝୁଛନ୍ତି। ବନ୍ଦିରି ଗ୍ରାମରେ ଥିବା ପ୍ରକଳ୍ପରେ ପାଣି ନାହିଁ। ଖୁବ୍‌ଶୀଘ୍ର ୧୦/୧୨ ଦିନ ମଧ୍ୟରେ ନୂଆ ବୋରୱେଲ ଖୋଳାଯାଇ ପାଣିର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।



ସମାବେଶରେ ମନ୍ତ୍ରୀ,ଏମପି,ବିଧାୟକଙ୍କ ସହ ଅନ୍ୟମାନେ ।

# ବିଜେଡିର ବିଶାଳ ଆଦିବାସୀ ସମାବେଶ

ରାୟଗଡା ଅଫିସ୍, ୨୫।୧୧

ସ୍ଥାନୀୟ ତେଜସ୍ୱୀ ହୋଟେଲ୍ ସମ୍ମୁଖରେ ଥିବା ପଡିଆରେ ବିଜେଡିର ବିଶାଳ ଆଦିବାସୀ ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି । ସମାବେଶ ପୂର୍ବରୁ ଜେକେପୁରଠାରୁ ରାୟଗଡା ପର୍ଯ୍ୟନ୍ତ ଏକ ବିଶାଳ ବାଇକ୍ ରାଲି ଦଳ ପକ୍ଷରୁ ଅନୁଷ୍ଠିତ ହୋଇଥିଲା । ସମାବେଶରେ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଦିବାସୀଙ୍କ ପାଇଁ ରାଜ୍ୟ ସରକାର ହାତକୁ ନେଇଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ତେଣୁ ଆଦିବାସୀ ଅଞ୍ଚଳର ବିକାଶ ପାଇଁ ଗଠନ ହୋଇଛି ସ୍ୱତନ୍ତ୍ର ଉନ୍ନୟନ ପରିଷଦ। ଏହି ପରିଷଦ ଜରିଆରେ ପ୍ରତି ବ୍ଲକ୍‌ରେ ଦେଢ଼ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଆଉ ରାଜ୍ୟରେ ୪ଲକ୍ଷ ଲୋକଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରାଯାଇଛି। ହେଲେ କେନ୍ଦ୍ରର ମୋଦି ସରକାର ଆଦିବାସୀଙ୍କ ବିକାଶରେ ଆନ୍ତରାୟ ସୃଷ୍ଟି କରୁଥିବା ସେ କହିଥିଲେ । ଆଦିବାସୀଙ୍କୁ ମୁଖ୍ୟମନ୍ତ୍ରୀ ଭଲ ପାଉଥିବାରୁ କୋରାପୁଟ ମେଡିକାଲ କଲେଜ ଲକ୍ଷ୍ମଣ ନାୟକଙ୍କ ନାମରେ କରାଗଲା ବୋଲି କହିଥିଲେ । କାର୍ଯ୍ୟକ୍ରମରେ ବିଧାୟକ ସଞ୍ଜୟ କୁମାର ଦାସବର୍ମା କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅମଳରେ ହିଁ ଆଦିବାସୀ ଅଞ୍ଚଳରେ ବିକାଶ ତ୍ୱରାନ୍ୱିତ ହୋଇଛି। ଏହି ସମାବେଶରେ ରାଜ୍ୟସଭା ସଦସ୍ୟ ଏନ୍.ଭାସ୍କର ରାଓ, କୋରାପୁଟ ଏମ୍‌ପି ଝିନ୍ନ ହିକ୍କା, ରାୟଗଡା ବିଧାୟକ ଲାଲ୍‌ବିହାରୀ ହିମିରିକା, ବିଷମକଟକ ବିଧାୟକ ଜଗନ୍ନାଥ ସାରକା, ଗୁଣପୁର ବିଧାୟକ ତ୍ରିନାଥ ଗମାଙ୍ଗ, ଜଗନ୍ନାଥ ନୁଣ୍ଡ୍ରୁକା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ବିଭିନ୍ନ ଗାଁରୁ ଆସିଥିବା କର୍ମୀମାନେ ଆଦିବାସୀ ନୃତ୍ୟ ଓ ଗୀତ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମରେ ଗଙ୍ଗାଧର ପୁଆଲା ସଂଯୋଜନା କରିଥିବା ବେଳେ ଜଗଦୀଶ ପାତ୍ର, ସୁଜାତା ପାଳ, ପୃଥିରାଜ ସାହୁ, ଜିଲା ପରିଷଦ ସଭ୍ୟା ଅମ୍ବିକା ବିଡିକା, ବ୍ଲକ୍ ଅଧକ୍ଷ ପେଦେଣ୍ଟି ରାମୁଲୁ, ବରିଷ୍ଠ ନେତା ରାଇସିଂ ବିଡିକା, ବିଜୁ ମହିଳା ଜନତା ଦଳର ଜିଲା ସଭାନେତ୍ରୀ ଅନୁସୟା ମାଝି, ଜିଲା ସମ୍ପାଦକ ଚକ୍ରଧର ବିଡିକା, କମଳ ଲୋଚନ ସାଉନ୍ତା ପ୍ରମୁଖ ମଞ୍ଚାସୀନ ଥିଲେ ।

# ଆଇନ ସଚେତନତା କାର୍ଯ୍ୟକ୍ରମ

ଗୁଣପୁର,୨୫।୧୧(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ବ୍ଲକର ଜଗନ୍ନାଥପୁରର ରାଜୀବଗାନ୍ଧୀ ସେବା କେନ୍ଦ୍ରଠାରେ ରବିବାର ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ତାଲୁକ ଆଇନ ସେବା ସଂସ୍ଥା ଅଧକ୍ଷ ତଥା ଏଡିଜେ ନିଶିଥ ନିଶଙ୍କ ଅଧକ୍ଷତା କରିଥିଲେ । ସବଜଜ୍ ସତ୍ୟ ନାରାୟଣ କର ଏବଂ ଏସଡିଜେଏମ ବିଭୁଦତ୍ତ ନାୟକ ମଞ୍ଚାସୀନ ଥିଲେ । ଆଇନ ସେବାସଂସ୍ଥା ଅଧିନିୟମ ୧୯୮୭, ଲୋକ ଅଦାଲତ, ସ୍ଥାୟୀ ଲୋକ ଅଦାଲତ ଏବଂ ନ୍ୟାୟ ସଂଯୋଗ ଉପରେ ଜଜ୍ ମାନେ ଆଲୋକପାତ କରିଥିଲେ ।



କାର୍ଯ୍ୟକ୍ରମରେ ଉପସ୍ଥିତ ଜଜ୍ ।

## ପଦ୍ମପୁରରେ ନାମ ସଂକୀର୍ତ୍ତନ

ପଦ୍ମପୁର,୨୫।୧୧ (ଡି.ଏନ୍.ଏ.)

ରାୟଗଡ଼ା ଜିଲା ପଦ୍ମପୁର ଯୁଗୋଳ କିଶୋର ମହାପ୍ରଭୁଙ୍କ ମନ୍ଦିରରେ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଦ୍ମପୁରର ବହୁ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ଅଧିବାସଠାରୁ ଆରମ୍ଭ କରି ଦଧିହାଣ୍ଡି ଭଙ୍ଗା, ନଗର ସଂକୀର୍ତ୍ତନ ଆଦି ଅନୁଷ୍ଠିତ ହୋଇଥିଲା। ସାହିବାସିନ୍ଦା କୁମ୍ଭ କଳସୀ ନିଜ ଘର ଦୁଆରରେ ରଖି ସଂକୀର୍ତ୍ତନ ମଣ୍ଡଳୀଙ୍କୁ ବନ୍ଦାପନା କରିଥିଲେ । ଏହାକୁ ପ୍ରସାଦ ପାଣିଗ୍ରାହୀ ପୌରହିତ୍ୟ କରିଥିଲେ ।

# ସାମ୍ପ୍ରଦାୟିକ ସଦ୍‌ଭାବନା ସପ୍ତାହ ପାଳିତ



ଜବାହର ନବୋଦୟ ବିଦ୍ୟାଳୟ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

କୋଲନରା, ୨୫।୧୧(ଡି.ଏନ୍.ଏ)

କୋଲନରା ବ୍ଲକ୍ ଥେରୁବାଲିସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟ ପକ୍ଷରୁ ସାମ୍ପ୍ରଦାୟିକ ସଦ୍‌ଭାବନା ସପ୍ତାହ ପାଳିତ ହୋଇଯାଇଛି। ଏହା ୧୯ତାରିଖରୁ ଆରମ୍ଭ ହୋଇ ୨୫ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଏହି ଉପଲକ୍ଷେ କବିତା ପଠନ, ରଚନା ଲିଖନ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସ୍କୁଲ ଛାତ୍ରୀଛାତ୍ର ବ୍ୟାନର, ପ୍ଲାକାର୍ଡଧରି ଥେରୁବାଲି ମୁଖ୍ୟ ବଜାର ଭ୍ରମଣ କରିଥିଲେ ।

# ବିଶ୍ୱ ହକି ପାଇଁ ମିନି ମାରାଥନ

ରାୟଗଡା ଅଫିସ୍/କାଶୀପୁର/ ମୁନିଗୁଡ଼ା/ ରାମନାଗୁଡ଼ା/ ପଦ୍ମପୁର/ଗୁଣପୁର, ୨୫।୧୧(ଡ଼ି.ଏନ.ଏ)




ମୁନିଗୁଡାରୁ ବାହାରିଥିବା ମିନି ମାରାଥନକୁ ଅତିଥି ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି ।

ରାୟଗଡା ବ୍ଲକ୍ ତରଫରୁ ୩ଟି ସ୍ଥାନରେ ବିଶ୍ୱକପ୍ ପୁରୁଷ ହକି ମହୋତ୍ସବ ଅବସରରେ ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି । ଖଲିଗୁଡାଠାରୁ ଭାକୁରଗୁଡା ଛକ, ପିତାମହଲଠାରୁ ଟେଷ୍ଟାଲିଗୁଡା ଛକ ଓ ପିପଲଗୁଡା ଠାରୁ କଡାପାଡୁ ଛକ ପର୍ଯ୍ୟନ୍ତ ଏହି ମାରାଥନ ଅନୁଷ୍ଠିତ ହୋଇଥିଲା । ଖଲିଗୁଡାଠାରେ କୃତୀ ପ୍ରତିଯୋଗୀଙ୍କୁ ବ୍ଲକ୍ ଅଧକ୍ଷ ପେଦେଣ୍ଟି ରାମୁଲୁ ପୁରସ୍କୃତ କରିଥିଲେ । ସେହିପରି ଖଲିଗୁଡାଠାରେ ବିଡିଓ ରାଜେନ୍ଦ୍ର ମାଝି, ଅତିରିକ୍ତ ବିଡିଓ ନୃସିଂହ ପଟ୍ଟନାୟକ, ଚାନ୍ଦିଲି ସରପଞ୍ଚ ପେଦେଣ୍ଟି ସୁଆଇ, କଡାପେଟା ସରପଞ୍ଚ ପ୍ରସାଦ ହୁଇକା ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ପିତାମହଲଠାରେ ସରପଞ୍ଚ ସୁରମା ପ୍ରଧାନ ଗଣଦୌଡର ଉଦ୍‌ଘାଟନ କରିଥିଲେ । ପିପଲଗୁଡାରେ ସରପଞ୍ଚ ଶୁଭାରମ୍ଭ କରିଥିଲେ । ସେହିପରି କାଶୀପୁର ବ୍ଲକରେ ବିଜୁ ଯୁବବାହିନୀର ସଦସ୍ୟମାନଙ୍କୁ ନେଇ ଏକ ଗଣଦୌଡ ଅନୁଷ୍ଠିତ ହୋଇଥିଲା । ବିଜୁ ଯୁବବାହିନୀ ସଦସ୍ୟମାନେ ନକଟିଗୁଡି ମନ୍ଦିର ନିକଟରୁ ବାହାରି ଆଇଫାଡ଼ ଛକଠାରେ ପହଞ୍ଚିଥିଲେ । କାଶୀପୁର ବିଡିଓ ବେଦବର ପ୍ରଧାନ, ଦୁର୍ଗାମାଧବ ପ୍ରଧାନ ଏହାର ଶୁଭାରମ୍ଭ କରିଥିଲେ। ସେହିପରି ମୁନିଗୁଡ଼ାଠାରେ ମଧ୍ୟ ମିନି ମାରାଥନ ଅନୁଷ୍ଠିତ ହୋଇଛି । ପ୍ରଦୀପ ମହାଙ୍କୁଡ଼ ଓ ରଞ୍ଜିତା ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ମାରାଥନରେ ବିଡ଼ିଓ ଦିଲୀପ କୁମାର ବେହେରା ଓ ଏସଡ଼ିପିଓ ଚନ୍ଦ୍ରଶେଖର ହୋତା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ମାରାଥନ ବ୍ଲକ କାର୍ଯ୍ୟାଳୟ ପରିସରରୁ ଆରମ୍ଭ ହୋଇଥିଲା । ରତନ ଲାଲ ଜୈନ, ପୂର୍ଣ୍ଣଚନ୍ଦ୍ର ଗୌଡ଼, ସୁନିଲ ତାରିଣୀ, ଅଶ୍ୱିନୀ ବେହେରା, ରାଜନ ସୁନା, ଚର୍ତୁଭୁଜ ବନଛର, ଶେଖ୍ ଜାବିର, ମନୋଜ ପାଢୀ, ହୃଷିକେଶ ଜାଲି, କୈଳାସଚନ୍ଦ୍ର ପାତ୍ର ପ୍ରମୁଖ ସାମିଲ ହୋଇଥିଲେ । ସେହିପରି ରାମନାଗୁଡ଼ା ବ୍ଲକ ତରଫରୁ ରାମନାଗୁଡ଼ା ଏବଂ କୁଜେନ୍ଦ୍ରୀରେ ମାରାଥନ ଆୟୋଜିତ ହୋଇଛି । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତ୍ରିନାଥ ଗମାଙ୍ଗ, ରମାକାନ୍ତ ମାଝି, ରଜନୀ ମାଣ୍ଡାଙ୍ଗି, ଗାୟତ୍ରୀ ମାଣ୍ଡାଙ୍ଗି ପ୍ରମୁଖ ଉପସ୍ଥିତ ଥିଲେ । ବିଡ଼ିଓ ସୁଧାକର ରଇତ ଏବଂ ମାଧବ ମୁଟିକାଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା । ସେହିପରି ପଦ୍ମପୁର ବ୍ଲକ ପ୍ରଶାସନ ଓ ବିଜୁ ଯୁବ ବାହିନୀ ଦ୍ୱାରା ଏକ ଗଣଦୌଡ଼ର ଆୟୋଜନ ହୋଇଥିଲା । ଏହା ମୋଚିକ୍‌ପଦର ଛକରୁ ବାହାରି ପଦ୍ମପୁର ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲା । ଏଥିରେ ବ୍ଲକ ସମ୍ପ୍ରସାରଣ ଅଧିକାରୀ ଅସୀମା ରାଓ, ବିଶିକେଶନ ଲିମା, ମନମୋହନ ସିଂ, ପୂନ୍ୟାବତୀ ମାଣ୍ଡାଙ୍ଗି, ଗୋଦାବରୀ ରାଉତ, ପ୍ରଶାନ୍ତ ଶତପଥୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ବ୍ଲକ ପରିସରରେ ବିଜୁ ଯୁବ ବାହିନୀ ସଂଯୋଜ ରବି ଚୌଧୁରୀଙ୍କ ସଭାପତିତ୍ୱରେ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଡିଓ ଅଗସ୍ତି ପ୍ରଧାନ, ଥାନାଧିକାରୀ ଜୟଶ୍ରୀ ପ୍ରଧାନ ଓ ପଦ୍ମପୁର ସ୍ୱାସ୍ଥ୍ୟଧିକାରୀ କ୍ରିଡା ଶିକ୍ଷକ ମୁରଲିଶ୍ୱର ଓଡ଼ି ପ୍ରମୁଖ ଉପସ୍ଥିତ ଥିଲେ । ଗୁଣପୁରଠାରେ ରବିବାର ମାରାଥାନ ଅନଷ୍ଠିତ ହୋଇଯାଇଛି । ଉପ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଏହି ଦୌଡ ଆରମ୍ଭ ହୋଇ ପୁରୁଣା ବସଷ୍ଟାଣ୍ଡଠାରେ ପହଁଞ୍ଚିଥିଲା । ବିଧାୟକ ତ୍ରିନାଥ ଗମାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପରେ ବିଜୁ କଲ୍ୟାଣ ମଣ୍ଡପଠାରେ ଏକ ସଭା ହୋଇଥିଲା । ଏଥିରେ ବିଧାୟକ ଗମାଙ୍ଗ, ତହସିଲଦାର ନମ୍ରତା ମୋଦି, ପୌର ପରିଷଦ ନିର୍ବାହି ଅଧିକାରୀ ଭାବଗ୍ରାହି ପାଣିଗ୍ରାହୀ, ବ୍ଲକ ଉପାଧକ୍ଷ ଏସୋ ଶବର ଏବଂ ପୂର୍ବତନ ଏନଏସି ଅଧକ୍ଷ ଶିବ ପ୍ରସାଦ ଗୌଡ ପ୍ରମୁଖ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସେହିପରି ଗୁଣପୁର ବ୍ଲକଠାରୁ ଅନୁରୂପ ଭାବେ ମାରାଥାନ ଦୌଡ ହୋଇଥିଲା। ବ୍ଲକଠାରୁ ଖର୍ଲିଂ ପର୍ଯ୍ୟନ୍ତ ଏହି ଦୌଡ ହୋଇଥିଲା । ବିଡିଓ ସୁଜାତା ଦେବୀ, ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ଗମାଙ୍ଗ, ସହକାରୀ ଯନ୍ତ୍ରୀ ଦୂର୍ଯ୍ୟୋଧନ ଜାନିଙ୍କ ଉପସ୍ଥିତ ଥିଲେ।

# ସାପ୍ତାହିକ ହାଟ ଉଦ୍‌ଘାଟିତ



ଅତିଥିମାନେ ହାଟ ବୁଲି ଦେଖୁଛନ୍ତି।

ଟିକିରି, ୨୫।୧୧ (ଡି.ଏନ୍.ଏ.)

କାଶିପୁର ବ୍ଲକରେ ମୁନୁଷ ଗାଁ ପଞ୍ଚାୟତ ସଦରସ୍ଥିତ ବୁଡ଼ାରାଜା ପଡିଆଠାରେ ସାପ୍ତାହିକ ହାଟର ଶୁଭାରମ୍ଭ କରାଯାଇଛି। ସରପଞ୍ଚ ଜୟ ମାଝିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡ଼ିଓ ଦେବଧର ପ୍ରଧାନ, ଜିପିଓ କୁମାର ସ୍ୱାମୀ ତୁରୁକ ଯୋଗ ଦେଇଥିଲେ। ଆଦିବାସୀ ପୂଜକ ଅଗିନ ମାଝି, କରାଣ୍ଡ ମାଝି , ମହେନ୍ଦ୍ର ପ୍ରଧାନୀ ପ୍ରମୁଖ ପାରମ୍ପରିକ ରୀତି ନୀତିରେ ପୂଜାକରି ଶୁଭଖୁଣ୍ଟି ପୋତିଥିଲେ । କଳାହାଣ୍ଡି ଜିଲା ଥୁଆମପୁର ବ୍ଲକ ସୀମାରେ ଥିବା ମୁନୁଷ ଗାଁଠାରେ ସାପ୍ତାହିକ ହାଟ ବସିବା ଦ୍ୱାରା ସ୍ଥାନୀୟ ଅଞ୍ଚଳର ଚାଷୀ ଓ ବ୍ୟବସାୟୀମାନେ ଉପକୃତ ହେବା ସହ ପଞ୍ଚାୟତକୁ ମଧ ଲାଭ ମିଳିବ ବୋଲି ସରପଞ୍ଚ ମାଝି କହିଛନ୍ତି। ଏଥିରେ ମକରାଜ ମୁଦୁଲି, ଗଜେନ୍ଦ୍ର ନାଏକ, ଅନିଲ ଜୈନ ରାୟଗଡ଼ା ସପ୍ତଗିରି ଉଲାକା, ବିଦ୍ୟାଧର ଦୁରିଆ,ଗଗନ ବିହାରୀ ପାଇକା, ବିରାଜିନୀ ନାୟକ, ଶସି ମାଝି ଉପସ୍ଥିତ ଥିଲେ।




ଗୁଣପୁରରେ ବିଧାୟକ ତ୍ରିନାଥ ଗମାଙ୍ଗ ପତାକା ଦେଖାଇ ମିନି ମାରାଥନର ଶୁଭାରମ୍ଭ କରୁଛନ୍ତି ।




ପଦ୍ମପୁରରେ ବାହାରିଥିବା ଶୋଭାଯାତ୍ରା ।




ରାୟଗଡ଼ା ଗଣଦୌଡ଼ରେ କୃତୀ ପ୍ରତିଯୋଗୀ ।